# NATIONAL NEWS BULLETIN (ODIA)
## 20th December - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଭାରତରେ ପ୍ରଥମ ଥର ଲାଗି ଆସନ୍ତା ବର୍ଷ ଆୟୋଜିତ ହେବ ବିଶ୍ୱ ପାରା-ଆଥ୍ଲେଟିକ୍ସ ଚାମ୍ପିୟନସିପ୍ ।

- ପରୀକ୍ଷା ପେ ଚର୍ଚ୍ଚାର ଅଷ୍ଟମ ସଂସ୍କରଣ ଲାଗି ପଞ୍ଜୀକରଣ ଆରମ୍ଭ ।

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଜିଠାରୁ ତିନିଦିନିଆ ମରିସସ୍ ଗସ୍ତରେ ଯିବେ ବୈଦେଶିକ ସଚିବ ।

- ୟୁକ୍ରେନ୍ ଯୁଦ୍ଧ ଶେଷ କରିବା ଲାଗି ବୁଝାମଣା ନିମନ୍ତେ ପ୍ରସ୍ତୁତ ଥିବା କହିଛନ୍ତି ରୁଷ୍ ରାଷ୍ଟ୍ରପତି ।

ଏବଂ

- ନାଇଜେରିଆର ଏକ ବିଦ୍ୟାଳୟରେ ଦଳାଚକଟା ଘଟି ୩୫ ଜଣ ପିଲାଙ୍କ ମୃତ୍ୟୁ ।

## ୱାର୍ଲଡ - ପାରା-ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡ଼ିୟମ୍‌ରେ ୨୦୨୫ ବିଶ୍ୱ ପାରା-ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍ ଆୟୋଜିତ ହେବ । ଭାରତରେ ପ୍ରଥମ ଥର ଏହି ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ବିଶ୍ୱ ପାରା-ଆଥ୍‌ଲେଟିକ୍ସ ଘୋଷଣା କରିଛି । ଆସନ୍ତା ବର୍ଷ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହେବ । ୨୦୧୫ରେ ଦୋହାରେ, ୨୦୧୯ରେ ଦୁବାଇରେ ଏବଂ ୨୦୨୪ରେ କୋବେ'ରେ ଏହି ଚାମ୍ପିୟନ୍‌ସିପ୍ ଆୟୋଜିତ ହେବା ପରେ ଚତୁର୍ଥ ଥରପାଇଁ ଏସିଆ ମହାଦେଶରେ ଏହାର ଦ୍ୱାଦଶ ସଂସ୍କରଣ ଅନୁଷ୍ଠିତ ହେବ । ଏହାଛଡ଼ା ଆସନ୍ତା ବର୍ଷ ପ୍ରଥମ ଥରପାଇଁ ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ମାର୍ଚ୍ଚ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ବିଶ୍ୱ ପାରା-ଆଥଲେଟିକ୍ସର ଗ୍ରାଣ୍ଡ ପ୍ରିକ୍ସ ଅନୁଷ୍ଠିତ ହେବ ।

## ପରୀକ୍ଷା ପେ ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚାର ଅଷ୍ଟମ ସଂସ୍କରଣ ଆସନ୍ତା ମାସରେ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି କାର୍ଯ୍ୟକ୍ରମ ପାଇଁ ମାଇଁ ଗଭ୍

ପୋର୍ଟାଲ୍‌ରେ ପଞ୍ଜୀକରଣ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷା ଚାପ ହ୍ରାସ କରିବା ସହ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କୁ ଜୀବନକୁ ଉତ୍ସବ ଭାବେ ପାଳନ କରିବା ଲାଗି ଉତ୍ସାହିତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ବହୁମୁଖୀ ପ୍ରଶ୍ନ ଢାଞ୍ଚାରେ ଏକ କୁଇଜ୍ ପ୍ରତିଯୋଗିତା ପ୍ରସ୍ତୁତ କରାଯାଇଛି । ପଞ୍ଜୀକରଣ ସମୟରେ ଛାତ୍ରଛାତ୍ରୀମାନେ ନିଜ ପସନ୍ଦର ପ୍ରଶ୍ନ ଚୟନ କରିପାରିବେ । ଏଥିରେ ପରୀକ୍ଷା ଚାପ, କ୍ୟାରିୟର୍, ଭବିଷ୍ୟତ ଇଚ୍ଛା ଓ ସାଧାରଣ ଜୀବନ ବିଷୟରେ ପ୍ରଶ୍ନ ରହିଛି ।

## ଏଲ୍.ଏସ୍. ସ୍ପିକର ଇନ୍‌ଷ୍ଟ୍ରକ୍‌ସନ୍

ସଂସଦ ଭବନ ପରିସରରେ ଗତକାଲି ଘଟିଥିବା ଘଟଣା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ସୂଚନା ଅନୁଯାୟୀ, ସଂସଦ ଭବନର କୌଣସି ପ୍ରବେଶ ଦ୍ୱାରରେ ରାଜନୈତିକ ଦଳ, ସାଂସଦ କିମ୍ବା ସାଂସଦ ଗୋଷ୍ଠୀ ଧାରଣା କିମ୍ବା ପ୍ରଦର୍ଶନ କରିପାରିବେ ନାହିଁ । ଗତକାଲି କଂଗ୍ରେସ ଓ ବି.ଜେ.ପି. ସାଂସଦମାନେ ସଂସଦ ଭବନର ଏକ

ପ୍ରବେଶ ଦ୍ୱାରରେ ପରସ୍ପର ମଧ୍ୟରେ ଧସ୍ତାଧସ୍ତି ହେବାରୁ ଦୁଇ ଜଣ ସାଂସଦ ଆହତ ହୋଇଥିଲେ । ଉଭୟ ସାଂସଦଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

## ଡି.ପି. - ରାହୁଲ୍ ଏଫ୍.ଆଇ.ଆର୍.

ବି.ଜେ.ପି. ପକ୍ଷରୁ ଅଭିଯୋଗ ପରେ ଦିଲ୍ଲୀ ପୁଲିସ୍ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ଏତଲା ଦାଏର କରିଛି । ଦିଲ୍ଲୀ ପୁଲିସ୍ ପକ୍ଷରୁ କୁହାଯାଇଛି, ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯କୁ ହଟାଇ ଦିଆଯାଇଥିବାବେଳେ ଅଭିଯୋଗ ପତ୍ରରେ ଥିବା ଅନ୍ୟ ସମସ୍ତ ଧାରା କାଏମ୍ ରହିଛି ।

ବି.ଜେ.ପି. ସାଂସଦ ଅନୁରାଗ ସିଂ ଠାକୁର, ବାଂଶୁରୀ ସ୍ୱରାଜ, ହେମାଙ୍ଗ ଯୋଶୀ ରାହୁଲ୍ ଗାନ୍ଧିଙ୍କ ବିରୋଧରେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଗତକାଲି ଧାରା ୧୦୯ – ହତ୍ୟା ଉଦ୍ୟମ, ଧାରା ୧୧୫ – ସ୍ୱେଚ୍ଛାକୃତ ଭାବେ ଆଘାତ ଦେବା ଏବଂ ଧାରା ୧୧୭, ୧୨୫, ୧୩୧ ଓ ୩୫୧ରେ ଏତଲା ଦାଏର କରିଥିଲେ ।

## ପି.ଏମ୍. - କ୍ରିସ୍‌ମାସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଆନ୍‌ଙ୍କ ବାସଭବନରେ ଗତକାଲି ଖ୍ରୀଷ୍ଟମାସ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ମୋଦି ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଆଲୋଚନା କରିଥିଲେ ।

## ଫରେନ୍ ସେକ୍ରେଟାରୀ - ମରିସସ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜିଠାରୁ ତିନି ଦିନିଆ ମରିସସ୍ ଗସ୍ତରେ ଯିବେ । ମରିସସ୍‌ରେ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ନେତୃତ୍ୱରେ ନୂତନ ସରକାର ଗଠନ ପରେ ଏହା ହେଉଛି ଦୁଇ ଦେଶ ମଧ୍ୟରେ ପ୍ରଥମ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଗସ୍ତ । ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ପାଇଁ ଶ୍ରୀ ମିଶ୍ରି ମରିସସ୍ ଗସ୍ତରେ ଯାଉଛନ୍ତି । ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଲୋଚନାର ଏହା ହେଉଛି ଏକ କ୍ରମାଗତ ଧାରା । ଭିଜନ ସାଗର, ଆଫ୍ରିକ ପ୍ରମୁଖ ନୀତି  ଏବଂ ଦକ୍ଷିଣ ବିଶ୍ୱ ପ୍ରତି ପ୍ରତିବଦ୍ଧତା ଆଧାରରେ ମରିସସ୍ ସହିତ ସମ୍ପର୍କକୁ ଭାରତ ଦେଉଥିବା ପ୍ରାଥମିକତାର ଏହା ପ୍ରତିଫଳନ । ଦୁଇ ଦେଶ ମଧ୍ୟରେ ବହୁ ପୁରାତନ,

ସାଂସ୍କୃତିକ, ପରମ୍ପରା ଏବଂ ବିଭିନ୍ନ କ୍ଷେତ୍ରରେ ଦୃଢ଼ ସମ୍ପର୍କ ରହି ଆସିଛି । ଶ୍ରୀ ମିଶ୍ରିଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ପୁଟିନ୍-ୟୁକ୍ରେନ୍ ପିସ୍ ଟକ୍ସ

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ଶେଷ କରିବା ଲାଗି ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ଙ୍କ ସହ ସମ୍ଭାବିତ ଆଲୋଚନା ସମୟରେ ବୁଝାମଣାପାଇଁ ପ୍ରସ୍ତୁତ ଅଛନ୍ତି । ଗଣମାଧ୍ୟମ ସହ ଆଲୋଚନା ସମୟରେ ଶ୍ରୀ ପୁଟିନ୍ କହିଛନ୍ତି, ୟୁକ୍ରେନ୍ ସହ କଥାବାର୍ତ୍ତା ପାଇଁ ସେ କୌଣସି ସର୍ତ୍ତ ରଖି ନାହାନ୍ତି ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କ ସହ କଥାବାର୍ତ୍ତା ପାଇଁ ପ୍ରସ୍ତୁତ ଅଛନ୍ତି । ସେ କହିଛନ୍ତି, ରୁଷ୍ଦ୍ୱାରା ମାନ୍ୟତାପ୍ରାପ୍ତ ୟୁକ୍ରେନ୍ ସଂସଦର ବୈଧ ଅଧିକାରୀମାନଙ୍କ ସମ୍ମତି ମିଳିବା ପରେ ସେ ବୁଝାମଣା କରିବେ । ତେବେ ରୁଷ୍ ଦୁର୍ବଳ ହୋଇପଡ଼ିଥିବା ଖବରକୁ ସେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରେ ରୁଷ୍ର ସ୍ଥିତି ଅଧିକ ଦୃଢ଼ ହୋଇଛି । ୟୁକ୍ରେନ୍ ସହ ଅସ୍ଥାୟୀ ଶାନ୍ତି ବୁଝାମଣାକୁ ସେ ପ୍ରତ୍ୟାଖ୍ୟାନ କରିବା ସହ କେବଳ ସ୍ଥାୟୀ ବୁଝାମଣାକୁ ଗ୍ରହଣ କରିବେ ବୋଲି କହିଛନ୍ତି ।

ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍‌ଙ୍କ ସହିତ ଆଲୋଚନା ସମ୍ପର୍କରେ ଶ୍ରୀ ପୁଟିନ୍ କହିଛନ୍ତି, ସେ ବୈଠକ କରିବା ଲାଗି ପ୍ରସ୍ତୁତ ଅଛନ୍ତି; କିନ୍ତୁ ଗତ କିଛି ବର୍ଷ ହେବ ସେ ଟ୍ରମ୍ପ୍‌ଙ୍କ ସହିତ କୌଣସି କଥା ହୋଇ ନାହାନ୍ତି ।

## ନାଇଜେରିଆ ଷ୍ଟାମ୍ପେଡ୍ ଟୋଲ୍

ନାଇଜେରିଆର ଦକ୍ଷିଣ-ପଶ୍ଚିମ ସହର ଇବାଦାନ୍’ରେ ଥିବା ଏକ ବିଦ୍ୟାଳୟରେ ଖ୍ରୀଷ୍ଟମାସ୍ ପର୍ବ ପାଳନରେ ଦଳାଚକଟାରେ ୩୫ ଜଣ ପିଲାଙ୍କ ମୃତ୍ୟୁ ଘଟିଛି । ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଲୋକମାନଙ୍କୁ ନଗଦ ଟଙ୍କା ଓ ଖାଦ୍ୟ ଦିଆଯିବା ବିଷୟ ଘୋଷଣା କରିବା ପରେ ସେଠାରେ ପ୍ରବଳ ଜନସମାଗମ ହୋଇଥିଲା । କାର୍ଯ୍ୟକ୍ରମ ସ୍ଥଳୀରେ ପ୍ରାୟ ୫ ହଜାର ପିଲା ଏକତ୍ରିତ ହୋଇଥିଲେ ଏବଂ ଆୟୋଜକଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ।

ଏହି ଘଟଣାରେ ବାସୋରୁନ ଇସ୍‌ଲାମିକ୍ ହାଇସ୍କୁଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଏବଂ ପ୍ରାୟୋଜକଙ୍କ ସମେତ ୮୦ ଜଣଙ୍କୁ ଗିରଫ କରାଯାଇଛି । ୱିଙ୍ଗ୍‌ସ ଫାଉଣ୍ଡେସନ୍ ଏବଂ ଆଗିଡିଗ୍‌ବୋ ଏଫ୍.ଏମ୍. ରେଡିଓ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେଠାକାର

ରାଷ୍ଟ୍ରପତି ବୋଲା ଟିନୁବୁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ରୁଷ୍-ୟୁରେପ୍ ଗ୍ୟାସ୍ ଡିଲ୍

ରୁଷ୍ ଏବଂ ୟୁକ୍ରେନ୍' ୟୁରୋପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ୟାସ୍ ପରିବହନ ଚୁକ୍ତିର ନବୀକରଣ କରିବେ ନାହିଁ ବୋଲି ଜଣାପଡ଼ିଛି । ଉଭୟ ରାଷ୍ଟ୍ର ଏହି ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କହିଛନ୍ତି, ୟୁକ୍ରେନ୍‌ରେ ରୁଷୀୟ ଗ୍ୟାସ୍ ପରିବହନ ପାଇଁ ହୋଇଥିବା ପଞ୍ଚ ବର୍ଷିଆ ଚୁକ୍ତି ଚଳିତ ମାସରେ ଶେଷ ହୋଇଯିବା ପରେ ଏହାକୁ ନବୀକରଣ ନ କରିବାପାଇଁ କିଭ୍ କହିଛି । ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି, ତାଙ୍କ ଦେଶ ରୁଷୀୟ ଗ୍ୟାସ୍ ପରିବହନ କରିବ ନାହିଁ ।

ଏହା ପୂର୍ବରୁ ୟୁରୋପୀୟ ସଂଘର ନେତାମାନେ ରାଷ୍ଟ୍ରପତି ଜେଲେଁସ୍କିଙ୍କ ସହ ସାକ୍ଷାତ୍ କରିଥିଲେ, ଯେଉଁଥିରେ ଗ୍ୟାସ୍ ପରିବହନ ବିଷୟ ଆଲୋଚନା ହେବାର ଥିଲା ।

## ଆର୍.ଏସ୍. - ଆଷ୍ଟିଷ୍ଟ

୬୦ ବର୍ଷରୁ ଅଧିକ ବରିଷ୍ଠ କଳାକାରଙ୍କ ପାଇଁ ସଂସ୍କୃତି ମନ୍ତ୍ରଣାଳୟ ଏକ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛି । ରାଜ୍ୟସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି, ବାର୍ଷିକ ୭୨ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ୬୦ ବର୍ଷରୁ ଅଧିକ କଳାକାରଙ୍କୁ ଏହି ଯୋଜନାରେ  ସାମିଲ କରାଯିବ । ସେମାନଙ୍କୁ ପ୍ରତି ମାସରେ ୬ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତାରାଶି ପ୍ରଦାନ କରଯିବାକୁ ନିଷ୍ପତ୍ତି ନିଆଯାଇଛି । କଳାକାରଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀଙ୍କୁ ମଧ୍ୟ ଏହି ସହାୟତା ରାଶି ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ ଏବଂ ଅନ୍ୟ ଅଂଶିଦାର ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକୁ ଏଥିପାଇଁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ୱିମେନ୍ସ କ୍ରିକେଟ

ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍‌ର ଅନ୍ତିମ ମ୍ୟାଚ୍‌ରେ ଭାରତ ୱେଷ୍ଟ ଇଣ୍ଡିଜ୍‌କୁ ପରାସ୍ତ କରି ୨-୧ରେ ସିରିଜ୍ ବିଜୟୀ ହୋଇଛି । ଗତସନ୍ଧ୍ୟାରେ ନଭି

ମୁମ୍ବାଇର ଡି.ୱାଇ. ପାଟିଲ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୬୦ ରନ୍‌ରେ ୱେଷ୍ଟ ଇଣ୍ଡିଜ୍‌କୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ଟି-ଟ୍ୱେଣ୍ଟିରେ ନିଜର ସର୍ବୋଚ୍ଚ ସ୍କୋର୍ ୨୧୭ ରନ୍ କରିଥିଲା । ସ୍ମୃତି ମନ୍ଧାନା ସର୍ବାଧିକ ୪୭ଟି ବଲ୍‌ରୁ ୭୭ ରନ୍ କରିଥିବାବେଳେ ରିଚା ଘୋଷ ୨୧ଟି ବଲ୍‌ରେ ୫୪ ରନ୍ କରିଥିଲେ । ମହିଳା ଟି-ଟ୍ୱେଣ୍ଟିରେ ଦ୍ରୁତତମ ଅର୍ଦ୍ଧଶତ ହାସଲ କରିଥିବା ରିଚା ଘୋଷ ୧୮ଟି ବଲ୍‌ରେ ୫୦ ରନ୍ କରି ବିଶ୍ୱ ରେକର୍ଡ଼ କରିଛନ୍ତି ।

ଏହାର ଜବାବରେ ୱେଷ୍ଟ ଇଣ୍ଡିଜ୍ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ରାଧା ଯାଦବ ୪ଟି ୱିକେଟ୍ ନେଇଥିଲେ ।

*****